ପ୍ରେମକୁ ନେଇ ରକ୍ତାକ୍ତ ସଂଘର୍ଷ

ଆକ୍ରମଣକାରୀ ଯୁବକ ମୃତ, ମହିଳା ଗୁରୁତର

ବଲାଙ୍ଗୀର/ବେଲପଡ଼ା, ୧୫/୭ (ଇମିସ): ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ଛୁରାମାଡ଼ କରାଯାଇଛି। ନିଜକୁ ବଞ୍ଚାଇବାକୁ ଯାଇ ମହିଳା ଓ ଅନ୍ୟମାନଙ୍କ ପାଲଟା ଆକ୍ରମଣରେ ପ୍ରେମିକର ମୃତ୍ୟୁ ହୋଇଛି। ମୃତକଜଣକ ମୁରିବାହାଲ ବ୍ଲକ୍ ଅନ୍ତର୍ଲା ଗ୍ରାମର ମୁନା ବେହେରା। ଛୁରାମାଡ଼ରେ ଗୁରୁତର ସସ୍ମିତା ମେହେରଙ୍କୁ ବଲାଙ୍ଗୀର ଭୀମ ଭୋଇ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବେଲପଡ଼ା ପୁଲିସ ଘଟଣାର ତଦନ୍ତ ଚଳାଇଛି।

ବେଲପଡ଼ା ସାଇନଗର ଅଞ୍ଚଳରେ ସସ୍ମିତା ମେହେରଙ୍କ ବାପଘର। ସେଠାରେ ନାବାଳିକା ଝିଅ ସହ ସସ୍ମିତା ରହନ୍ତି। ଆଜି ଅନ୍ତର୍ଲା ଗ୍ରାମର ମୁନା ହଠାତ୍ ସସ୍ମିତାଙ୍କ ଘରେ ପଶି ତାଙ୍କୁ ଧାରୁଆ ଛୁରିରେ ଆକ୍ରମଣ କରିଥିଲା। ନିଜକୁ ବଞ୍ଚାଇବାକୁ ଯାଇ ସସ୍ମିତା ପ୍ରତିରୋଧ କରିଥିଲେ। ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ଚାଲିଥିବାବେଳେ ପରିବାର ଲୋକେ ମଧ୍ୟ ମୁନାକୁ ପଥର ଓ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ଉଭୟ ସସ୍ମିତା ଓ ମୁନା ଗୁରୁତର ଆହତ ହୋଇଥିଲେ। ବେଲପଡ଼ା ପୁଲିସ ଦୁହିଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ଅବସ୍ଥା ଗୁରୁତର ହେବାରୁ ୨ଜଣଙ୍କୁ ବଲାଙ୍ଗୀର ଭୀମ ଭୋଇ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଗୁରୁତର ମୁନାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଗତ ଜୁନ୍ ୨୯ ତାରିଖରେ ସସ୍ମିତାଙ୍କ ଘରକୁ ମୁନା ଓ ଅନ୍ୟ ୨ ଜଣ ଯାଇଥିଲେ। ଛୁରି ଦେଖାଇ ସସ୍ମିତାଙ୍କ ନାବାଳିକା ଝିଅକୁ ଅପହରଣ ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ପ୍ରତିବାଦ କରିବାରୁ ମୁନା ଓ ଅନ୍ୟମାନେ ଫେରାର ହୋଇ ଯାଇଥିଲେ। ବେଲପଡ଼ା ଥାନାରେ ଅଭିଯୋଗ ପରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ରାଜୀବ ଭୁଏ ଓ ମୁନା ଫେରାର ରହିଥିଲେ। ଫେରାର ଥିଲେ ହେଁ ମୁନା ସାମାଜିକ ଗଣମାଧ୍ୟମରେ ସସ୍ମିତାଙ୍କ ସହ ତାଙ୍କ ସଂପର୍କର ଭିଡିଓ ଭାଇରାଲ୍ କରି ଚାଲିଥିଲେ। ତଥ୍ୟ ମୁତାବକ ସସ୍ମିତାଙ୍କ ସ୍ୱାମୀ ଓ ମୁନା ମିଶି ଏକ କୁକୁଡ଼ା ଫାର୍ମ କରିଥିଲେ। ଉଭୟଙ୍କ ମଧ୍ୟରେ ଭଲ ବନ୍ଧୁତା ରହିଥିଲା। ଏହିକ୍ରମରେ ମୁନା ଓ ସସ୍ମିତାଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ବ୍ୟବସାୟରେ କ୍ଷତି ସହିଥିଲେ ହେଁ ସସ୍ମିତା ଓ ନାବାଳିକା ଝିଅକୁ ନିଜ ଘରେ ନେଇ ରଖିଥିଲେ। ୧୦ ବର୍ଷ ଯାଏଁ ସେମାନେ ଏକାଠି ରହିଥିଲେ। ପରେ ତିକ୍ତତା ଯୋଗୁଁ ସସ୍ମିତା ନାବାଳିକା ଝିଅକୁ ଧରି ବାପଘର ବେଲପଡ଼ା ସାଇନଗରକୁ ଚାଲି ଆସିଥିଲେ। ସସ୍ମିତାଙ୍କୁ ଫେରାଇ ଆଣିବା ପାଇଁ ମୁନା ବହୁ ଉଦ୍ୟମ କରି ବିଫଳ ହୋଇଥିଲେ। ତେଣୁ ନାବାଳିକା ଝିଅକୁ ଅପହରଣ କଲେ ସସ୍ମିତା ତାଙ୍କ ପାଖକୁ ଫେରି ଆସିବେ ବୋଲି ମୁନା ଏଭଳି କାରନାମା ରଚିଥିଲେ। ଫେରାର ଥିବା ବେଳେ ଆଜିର ଘଟଣା ମାମଲାକୁ ସମ୍ବେଦନଶୀଳ କରିଛି। ଘଟଣାର ଦୃଶ୍ୟପଟ, ଛୁରାମାଡ଼ ଓ ପଥର ଆକ୍ରମଣ ପଛରେ କିଏ; ତାକୁ ନେଇ ତଦନ୍ତ ଚାଲିଛି। ସାଇଣ୍ଟିଫିକ୍ ଟିମ୍ ସହ ବେଲପଡ଼ା ପୁଲିସ ଘଟଣାର ବିଭିନ୍ନ ଦିଗ ଉପରେ ତର୍ଜମା ଚଳାଇଛି।

ଲୁଟ୍ ପରେ ବୃଦ୍ଧାଙ୍କୁ ହତ୍ୟା

କବିସୂର୍ଯ୍ୟନଗର, ୧୫/୭ (ଇମିସ): ବିଳମ୍ବିତ ରାତିରେ ଘରେ ପଶି ଲୁଟିବା ପରେ ଧରାପଡ଼ିଯିବା ଭୟରେ ନିରୀହ ବୃଦ୍ଧାଙ୍କୁ ହତ୍ୟା କରିଛି ଲୁଟେରା। ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ସହରରେ ଏଭଳି ଅଭାବନୀୟ ଘଟଣା ଘଟିଛି। ସ୍ୱାମୀ ପ୍ରମୋଦ ଜେନାଙ୍କ ମୃତ୍ୟୁ ପରେ ମର୍ଦ୍ଦରାଜସାହିରେ ପ୍ରତିମା ଜେନା(୬୨) ଗତ ୧୨ ବର୍ଷ ହେଲା ଏକୁଟିଆ ରହୁଥିଲେ। ଗତକାଲି ରାତି ୧୧ଟା ପର୍ଯ୍ୟନ୍ତ ସେ ପଡ଼ୋଶୀଙ୍କ ସହ କଥାବାର୍ତ୍ତା କରିବା ପରେ ଶୋଇବାକୁ ପଳାଇଥିଲେ। ତେବେ ଆଜି ସକାଳୁ ଉଠି ନଥିଲେ। ପୁତୁରା ଆସି ଦେଖିବା ବେଳକୁ ପ୍ରତିମା ଚଟାଣରେ ପଡ଼ିଥିଲେ। ସୂଚନା ପାଇ କବିସୂର୍ଯ୍ୟନଗର ପୁଲିସ ପହଞ୍ଚି ତାଙ୍କର ମୃତ୍ୟୁ ହୋଇଥିବା ଜାଣିବା ପରେ ଶବ ଜବତ କରି ଛାନ୍‌ଭିନ୍ ଆରମ୍ଭ କରିଥିଲା। ପ୍ରତିମାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ଘରର ମୁଖ୍ୟଗ୍ରିଲ୍ ତାଲା ଭଙ୍ଗା ଯାଇଥିବାବେଳେ ଆଲମିରାରୁ ଟଙ୍କା ଓ ସୁନାଗହଣା ଲୁଟ୍ ହୋଇଥିଲା। ସେହିପରି ପ୍ରତିମାଙ୍କ ମୋବାଇଲ୍ ବି ନାହିଁ। ବିଳମ୍ବିତ ରାତିରେ ଦୁର୍ବୃତ୍ତ ଯୋଜନାବଦ୍ଧ ଭାବେ ପଶି ଏହି କାଣ୍ଡ ଘଟାଇଥିବା ଅନୁମାନ କରାଯାଉଛି। ହତ୍ୟାର କାରଣ ଲୁଟେରା ପରିଚିତ ହୋଇଥିବା ଓ ପ୍ରତିମା ନିଦରୁ ଉଠି ପ୍ରତିରୋଧ କରିବାରୁ ଚିହ୍ନା ପଡ଼ିଯିବା ଆଶଙ୍କାରେ ହତ୍ୟା କରିଥିବା ସନ୍ଦେହ କରାଯାଉଛି। କେସ୍ ନମ୍ବର ୪୭୭ରେ ମାମଲା ରୁଜୁ ସହ ସବୁ ଦିଗରୁ ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ସଞ୍ଜିତ ବେହେରା କହିଛନ୍ତି। ଏହି ଘଟଣା ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ଲିଙ୍ଗ ନିରୂପଣ ଅଭିଯୋଗ

ଘର ସିଲ୍, ଯନ୍ତ୍ରପାତି ଜବତ

ଓଡ଼ାପଡ଼ା, ୧୫/୭ (ଇମିସ): ଲିଙ୍ଗ ନିରୂପଣ କରିବା ଅଭିଯୋଗରେ ମୋଟଙ୍ଗା ପୁଲିସ ଗୋଟିଏ ଘରକୁ ସିଲ୍ କରିବା ସହିତ ଯନ୍ତ୍ରପାତି ଜବତ କରିଛି। ଏହି ବେଆଇନ କାର୍ଯ୍ୟରେ ସଂପୃକ୍ତ ୪ ଜଣଙ୍କୁ ପୁଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ରାସୋଳ ଥାନା ଅନ୍ତର୍ଗତ ବେଡ଼ାପଡ଼ା ଗ୍ରାମରେ ବେଆଇନ ଭାବେ ଭ୍ରୂଣର ଲିଙ୍ଗ ନିରୂପଣ କରାଯାଉଥିବା ଅଭିଯୋଗ ହୋଇ ଆସୁଥିଲା। ବୁଧବାର ସକାଳୁ ମୋଟଙ୍ଗା ପୁଲିସ ବେଡ଼ାପଡ଼ା ଗ୍ରାମର ଏକ ଘରେ ଚଢ଼ଉ କରିଥିଲା। ତଦନ୍ତ ପରେ ସେଠାରେ ଲିଙ୍ଗ ନିରୂପଣ କରାଯାଉଥିବା ଜାଣିବାକୁ ପାଇଥିଲେ। ଫଳରେ, ବ୍ୟବହୃତ ମେସିନ୍, କମ୍ପ୍ୟୁଟର, ଆସବାବପତ୍ର ଓ ୩ଟି ମୋବାଇଲ ଫୋନ୍ ଜବତ ସହିତ ସଂପୃକ୍ତ ଘରକୁ ସିଲ୍ କରିଛି। ଏଭଳି କାର୍ଯ୍ୟରେ ନିୟୋଜିତ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ମୋଟଙ୍ଗା ଥାନା ଆଇଆଇସି ଦୀପକ କୁମାର ଲେଙ୍କା କହିଛନ୍ତି, ଅଭିଯୁକ୍ତଙ୍କୁ ପଚରାଉଚରା କରଯାଉଛି। ଗୁରୁବାର ସମସ୍ତ ତଥ୍ୟ ପ୍ରଦାନ କରାଯିବ।

ଗାଈକୁ ମାରିଲା କଲରାପତରିଆ

ଗ୍ରାମବାସୀ ଭୟଭୀତ, ଟ୍ରାପ୍ କ୍ୟାମେରା ଲଗାଇଲା ବନ ବିଭାଗ

ଗୁରୁଣ୍ଡିଆ/ବଣାଇଗଡ଼, ୧୫/୭ (ଇମିସ): ସୁନ୍ଦରଗଡ଼ ଜିଲ୍ଲା ବଣାଇ ବନଖଣ୍ଡ ତାମଡ଼ା ରେଞ୍ଜ ଅଧୀନ ଗୁରୁଣ୍ଡିଆ ଗାଁରେ କଲରାପତରିଆ ବାଘ ଆତଙ୍କ ଦେଖାଦେଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଗ୍ରାମର ଚାଷୀ ଅଗଷ୍ଟୁସ ଡୁଙ୍ଗଡୁଙ୍ଗଙ୍କ ଏକ ଗାଈକୁ ବାଘ ଆକ୍ରମଣ କରି ମାରିଦେଇଥିବା ବନ ବିଭାଗ ସନ୍ଦେହ ପ୍ରକାଶ କରିଛି। ଏହି ଘଟଣା ପରେ ଗାଁ ଓ ଆଖପାଖ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଖବର ପାଇ ତାମଡ଼ା ରେଞ୍ଜର ପ୍ରୟାଗ ପ୍ରଧାନ, ବନପାଳ ପ୍ରତାପ ସାହୁ ଓ ବନ ବିଭାଗର ସ୍ପେସାଲ୍ ସ୍କ୍ୱାଡ୍ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ପାଦଚିହ୍ନକୁ ଅନୁଧ୍ୟାନ କରାଯିବା ପରେ ଏହା ଏକ କଲରାପତରିଆ ବାଘ ବୋଲି ଅନୁମାନ କରାଯାଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ଗୁରୁଣ୍ଡିଆ ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ସ୍ଥାନରେ ଟ୍ରାପ୍ କ୍ୟାମେରା ଲଗାଯାଇଛି। କ୍ୟାମେରା ମାଧ୍ୟମରେ ବାଘର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ ବନ କର୍ମଚାରୀ ନିୟମିତ ପାଟ୍ରୋଲିଂ କରୁଛନ୍ତି। ଅନ୍ୟପଟେ ଏହି ଆକ୍ରମଣରେ ଗାଈ ହରାଇଥିବା ଚାଷୀ ଅଗଷ୍ଟୁସଙ୍କୁ ବନ ବିଭାଗର ନିୟମ ଅନୁଯାୟୀ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ରେଞ୍ଜର ପ୍ରୟାଗ ପ୍ରଧାନ ସୂଚନା ଦେଇଛନ୍ତି। ଏହା ସହିତ ଅଞ୍ଚଳବାସୀଙ୍କୁ ସତର୍କ ରହିବାକୁ ଏବଂ ରାତି ସମୟରେ ଏକାକୀ ବାହାରକୁ ନ ବାହାରିବା ପାଇଁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଆଉ ଜଣେ ଯୁବତୀଙ୍କ ଆତ୍ମାହୁତି

ଝିଅର ମାନସିକ ଅବସ୍ଥା ଠିକ୍ ନଥିଲା: ବାପା

ବ୍ରହ୍ମପୁର, ୧୫/୭ (ଇମିସ): ଗତ କିଛିଦିନ ତଳେ ବାପାର ନିର୍ଯାତନା ସହି ନପାରି ଜଣେ ଯୁବତୀ ଆତ୍ମାହୁତି କରିବା ଘଟଣା ମନରୁ ନଯାଉଣୁ ଆଜି ଆଉଏକ ଘଟଣା ସାମନାକୁ ଆସିଛି। ବ୍ରହ୍ମପୁର ବଡ଼ବଜାର ଥାନା ଅଧୀନ ଶାନ୍ତିନଗର ପଞ୍ଚମ ଲାଇନ୍‌ରେ ଆଜି ଭୋର୍‌ରେ ରାଜେଶ୍ୱରୀ ବେହେରା (୨୭) ନାମ୍ନୀ ଜଣେ ଯୁବତୀ ନିଜ ଶରୀରରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ଅଣାଯାଇଥିଲା। ଶରୀରର ୮୦ ଭାଗ ଜଳିଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର ବେଳେ ଖଲ୍ଲିକୋଟ ନିକଟରେ ରାଜେଶ୍ୱରୀଙ୍କ ମୃତ୍ୟୁ ଘଟିଛି। ବାପା ରବୀନ୍ଦ୍ର ବେହେରା କହିଛନ୍ତି, ରାଜେଶ୍ୱରୀ ଜଣେ ମେଧାବୀ ଛାତ୍ରୀ ଥିଲେ। ଦୁଇବର୍ଷ ତଳେ ସ୍ନାତକ ପାସ୍ କରି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥିଲା। କିନ୍ତୁ ଏହାମଧ୍ୟରେ ରାଜେଶ୍ୱରୀଙ୍କ ମାନସିକ ଅବସ୍ଥା ଠିକ୍ ରହୁ ନ ଥିବାରୁ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖରେ ଚିକିତ୍ସିତ ହେଉଥିଲେ। ପୂର୍ବରୁ ମଧ୍ୟ ସେ ଅନେକଥର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗତକାଲି ରାତିରେ ତାଙ୍କର ଆଉ ଏକ ଝିଅ, ସାନପୁଅ ଓ ପରିବାରବର୍ଗ ସମସ୍ତେ ଶୋଇଥିବା ବେଳେ ହଠାତ୍ ରାଜେଶ୍ୱରୀଙ୍କ ଚିତ୍କାର ଶୁଣିବାକୁ ମିଳିଥିଲା। ରାଜେଶ୍ୱରୀଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ବେଳେ ମୃତ୍ୟୁ ଘଟିଥିବା ରବୀନ୍ଦ୍ର କହିଛନ୍ତି। ସେହିପରି ରାଜେଶ୍ୱରୀ ମାନସିକ ରୋଗରେ ଆକ୍ରାନ୍ତ ଥିଲେ ବୋଲି ବଡ଼ବଜାର ଥାନାଧିକାରୀ ଆଶିଷ ସ୍ୱାଇଁ ଦୋହରାଇଛନ୍ତି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୀମାନ୍ତରେ ମାଓ ପୋଷ୍ଟର୍

ମାଲକାନଗିରି,୧୫/୭(ଇମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଓ ଗଡ଼ଚିରୋଲିରେ ନକ୍ସଲ ପୋଷ୍ଟର୍ ଦେଖିବାକୁ ମିଳିଛି। ଏହି ପୋଷ୍ଟର୍ ମାଧ୍ୟମରେ ନକ୍ସଲଙ୍କୁ ସମର୍ଥନ କରିବାକୁ ଆହ୍ୱାନ ଦିଆଯାଇଛି। ଏହି ଅଞ୍ଚଳରେ ଗଢ଼ି ଉଠିଥିବା କମ୍ପାନିକୁ ସମର୍ଥନ ନକରିବାକୁ ଗ୍ରାମବାସୀଙ୍କୁ ଅନୁରୋଧ କରାଯାଉଛି। ଯଦି ସମର୍ଥନ କରନ୍ତି ଦଣ୍ଡ ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଅପରପକ୍ଷରେ ପୋଷ୍ଟର୍‌କୁ ପୁଲିସ ଜବତ କରି ତନାଘନା କରୁଛି। ପ୍ରକୃତରେ ଏହି ବ୍ୟାନର ଓ ପୋଷ୍ଟର୍ ନକ୍ସଲ ମାରିଛନ୍ତି ନା ସ୍ଥାନୀୟ କେହି ନିଜର ଫାଇଦା ଉଠାଇବାକୁ ଏଭଳି କାମ କରିଛି ତାହାର ତଦନ୍ତ କରାଯାଉଥିବା ପୁଲିସ କହିଛି। ଅନ୍ୟପଟେ ନକ୍ସଲଙ୍କ ପୋଷ୍ଟର୍ ଓ ବ୍ୟାନର୍ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ତେବେ ପୁଲିସ କମ୍ବିଂ ଅପରେସନ୍‌କୁ ଜୋର୍‌ଦାର କରିଛି।

ବନ୍ଧାହେଲେ ଦୁଇ ନକଲି 'ର' ଓ ଏଫ୍‌ଆଇବି ଏଜେଣ୍ଟ୍

ବ୍ରହ୍ମପୁର,୧୫/୭ (ଇମିସ): ଫେଡେରାଲ ଇନ୍‌ଭେଷ୍ଟିଗେସନ୍ ବ୍ୟୁରୋ (ଏଫ୍‌ଆଇବି) ଏବଂ ରିସର୍ଚ୍ଚ ଆଣ୍ଡ୍ ଆନାଲିସିସ୍ ୱିଙ୍ଗ୍ (ର) ଏଜେଣ୍ଟ୍ ପରିଚୟ ଦେଇ ବୁଲୁଥିବା ଦୁଇଜଣ ଯୁବକଙ୍କୁ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୁଲିସ ଆଜି ସନ୍ଧ୍ୟାରେ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆନ୍ଧ୍ରପ୍ରଦେଶ ପଲାସା ଥାନା ବ୍ରାହ୍ମଣତରଙ୍ଗ ଗ୍ରାମର ଦୁର୍ଗାପ୍ରସାଦ ବର୍ମା ଓ ଆଙ୍ଗୁଲିର ପ୍ରଦୀପ କୁମାର ମଣ୍ଡଳ। ଉଭୟ ଅବସରପ୍ରାପ୍ତ ସେନା କର୍ମଚାରୀ ବୋଲି ଜଣାପଡ଼ିଛି। ଆଙ୍ଗୁଲିର ବାସିନ୍ଦା ପ୍ରଦୀପ ମଣ୍ଡଳ ସେନାରେ କାମ କରିବା ସମୟରେ ବାହାରେ ରହୁଥିଲେ। ତାଙ୍କ ଭାଇମାନେ ତାଙ୍କୁ ପୈତୃକ ସମ୍ପତ୍ତି ମାଲିକାନାରୁ ବାଦ୍ ଦେଇଥିଲେ। ପୈତୃକ ସମ୍ପତ୍ତି ଫେରି ପାଇବା ପାଇଁ ପ୍ରଦୀପ ସମସ୍ତ ଉଦ୍ୟମ କରି ବିଫଳ ହୋଇଥିଲେ। ଫଳରେ ବନ୍ଧୁ ଦୁର୍ଗାଙ୍କୁ ଡାକି ଯୋଜନା କରିଥିଲେ। ନକଲି ପରିଚୟପତ୍ର ପ୍ରସ୍ତୁତ କରି ବିଭିନ୍ନ ଅଫିସରେ ବୁଲି ଏଫ୍‌ଆଇବି ଓ 'ର' ଏଜେଣ୍ଟ୍ ବୋଲି ପରିଚୟ ଦେଉଥିଲେ। ଉଭୟ ଆଜି ବୈଦ୍ୟନାଥପୁର ଥାନାକୁ ଆସି ସମାନ ପରିଚୟ ଦେବା ସହ କାଗଜପତ୍ର ଦେଖାଇଥିଲେ। ପୁଲିସ ବିଭିନ୍ନ ଦିଗରୁ ତଦନ୍ତ କରିବା ପରେ ସେମାନେ ନକଲି ଏଜେଣ୍ଟ୍ ବୋଲି ଜାଣିବାକୁ ପାଇଥିଲା। ଏଏସ୍‌ଆଇ ଅନନ୍ତ ପ୍ରଧାନଙ୍କ ଏତଲା ପ୍ରକାରେ ମାମଲା ରୁଜୁ ସହ ଉଭୟଙ୍କୁ ଗିରଫ କରିଥିଲା।

୨ ଭାଇଙ୍କ ଅସ୍ୱାଭାବିକ ମୃତ୍ୟୁ

ଅପମିଶ୍ରିତ ପାନୀୟ ଯୋଗୁଁ ମୃତ୍ୟୁ ସନ୍ଦେହ

ଡୁଙ୍ଗୁରିପାଲି/ଏସ୍.ରାମପୁର, ୧୫/୭ (ଇମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ରାମପୁର ଥାନା ଗଜବନ୍ଧ ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଅପମିଶ୍ରିତ ପାନୀୟ ପିଇ ଦୁଇ ଭାଇଙ୍କ ମୃତ୍ୟୁ ହୋଇଯାଇଥିବା ସନ୍ଦେହ କରାଯାଉଛି। ରାମପୁର ପୁଲିସ ମୃତକଙ୍କ ଘରକୁ ଯାଇ ତଦନ୍ତ କରିବା ସହ ବୋତଲରେ ଥିବା କିଛି ଅପମିଶ୍ରିତ ପାନୀୟ ଜବତ କରି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଆଇଆଇସି ବିନୋଦିନୀ ବରିହାଙ୍କ ତତ୍ତ୍ୱାବଧାନରେ ଏଏସ୍‌ଆଇ ଜି.ଭରାସାଗର ଓ ଏନ୍.ସି ବାରିକ ମାମଲାର ତଦନ୍ତ କରୁଛନ୍ତି।

ସୂଚନା ଅନୁସାରେ, ଗଜବନ୍ଧ ଗ୍ରାମର ଏକ ପରିବାରର ବଡ଼ଭାଇଙ୍କ ଝିଅର ଭାତଖୁଆଣି ଥିବା ଯୋଗୁଁ ଉତ୍ସବ ମନାଉଥିଲେ। ଉକ୍ତ ପରିବାର ୩ ଭାଇଙ୍କ ମଧ୍ୟରୁ ଗୋଡ଼ଭଗା ସମବାୟ ବ୍ୟାଙ୍କରେ ସିକ୍ୟୁରିଟି ଗାର୍ଡ ଥିବା ସାନଭାଇ ସନ୍ତୋଷ ରାଜହଂସ(୫୦) ଓ ତେଜରାଜ ରାଜହଂସ(୫୨) ଙ୍କ ହଠାତ୍ ଛାତିରେ ଯନ୍ତ୍ରଣା ହୋଇଥିଲା। ସେମାନେ ଚିତ୍କାର କରିବାରୁ ଡୁଙ୍ଗୁରିପାଲି ଡାକ୍ତରଖାନାକୁ ପରିବାର ଲୋକେ ଆଣିଥିଲେ। ଡାକ୍ତର ସନ୍ତୋଷ ରାଜହଂସଙ୍କୁ ମୃତ ଘୋଷଣା କରିଥିବା ବେଳେ ତେଜରାଜ ରାଜହଂସଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ବୁର୍ଲା ଯିବା ବାଟରେ ବରପାଲିରେ ତେଜରାଜଙ୍କ ମୃତ୍ୟୁ ହୋଇଯାଇଥିଲା। ଡୁଙ୍ଗୁରିପାଲି ଡାକ୍ତରଖାନାକୁ ପରିବାର ଲୋକେ ଆସିବା ବେଳେ ହାତରେ ଏକ ପାଣି ବୋତଲରେ କିଛି ଧଳା ପାନୀୟ ଥିବା ଏବଂ ଏହା ଉତ୍କଟ ଗନ୍ଧ ହେଉଥିବା ଡାକ୍ତରଖାନା କର୍ମଚାରୀଙ୍କଠାରୁ ପ୍ରକାଶ। ରାମପୁର ପୁଲିସ ସନ୍ତୋଷର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିବା ବେଳେ ତେଜରାଜର ମୃତଦେହକୁ ବିନିକା ପାଠାଇଥିବା ପ୍ରକାଶ। କେଉଁ କାରଣରୁ ଦୁଇ ଭାଇଙ୍କ ମୃତ୍ୟୁ ହେଲା ତାହା ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ଆଇଆଇସି ଶ୍ରୀମତୀ ବେହେରା କହିଛନ୍ତି।

ଲାଞ୍ଚ ନେଇ ଧରାପଡ଼ିଲେ ରାଜସ୍ୱ ନିରୀକ୍ଷକ

ଜମି ପଟ୍ଟା ପାଇଁ ନେଉଥିଲେ ୨୫ ହଜାର

ଗୁଣପୁର,୧୫/୭(ଇମିସ): ଜମି ପଟ୍ଟା ଦେବା ଲାଗି ୨୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ରାୟଗଡ଼ା ଜିଲ୍ଲା ଗୁଣପୁର ତହସିଲ ଅଧୀନ ସିର୍ଜୁଳି ରାଜସ୍ୱ ନିରୀକ୍ଷକ ସୁଶାନ୍ତ ମଲ୍ଲିକ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଗିରଫ ପରେ ସୁଶାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏଥି ସହିତ ସୁଶାନ୍ତଙ୍କ ଅଫିସ୍ ଓ ବାସଭବନରେ ଭିଜିଲାନ୍ସର ୧୫ ଜଣିଆ ଟିମ୍ ଚଢ଼ଉ କରିଛି। ସୂଚନାନୁଯାୟୀ, ରାଜସ୍ୱ ନିରୀକ୍ଷକ ଶ୍ରୀ ମଲ୍ଲିକ ଜଣେ ବ୍ୟକ୍ତିଙ୍କୁ ଜମି ପଟ୍ଟା ଦେବା ଲାଗି ୨୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଅଭିଯୋଗକାରୀ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ବୁଧବାର ସୁଶାନ୍ତ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ତାଙ୍କୁ ଗୁଣପୁର ତହସିଲ କାର୍ଯ୍ୟାଳୟକୁ ନେଇ ପଚରାଉଚରା କରାଯାଇଛି। ଚଢ଼ଉରେ ଜୟପୁର, ରାୟଗଡ଼ା ଓ ଭବାନୀପାଟଣା ଭିଜିଲାନ୍ସ ୟୁନିଟ୍‌ର ୧୫ ଜଣିଆ ଟିମ୍ ସାମିଲ ହୋଇଛନ୍ତି। ରାୟଗଡ଼ା ଡିଏସ୍‌ପି ସୂର୍ଯ୍ୟକାନ୍ତି ଟାକିରି, ଭବାନୀପାଟଣା ଡିଏସ୍‌ପି ପ୍ରମିଳା ସୁନାଙ୍କ ନେତୃତ୍ୱରେ ରାୟଗଡ଼ା ଇନ୍‌ସ୍ପେକ୍ଟର ବଙ୍କିମ ବବାଲି, ଭବାନୀପାଟଣା ଇନ୍‌ସ୍ପେକ୍ଟର ଆଲୋକ ମହାପାତ୍ର, କୋରାପୁଟ ଡିଭିଜନର ଇନ୍‌ସ୍ପେକ୍ଟର ସାବିତ୍ରୀ ପ୍ରଧାନ ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ।